ସକାଳ
THE SAKALA
Sambalpur - 30 Sep 2026 - Page 4

# ଟିମ୍ ଭିସୁଟ୍ ରେସିଂର ଇଲେକ୍ଟ୍ରିକ୍ ଯାନ ପ୍ରଯୁକ୍ତି ଦିଗରେ ନୂଆ ପଦକ୍ଷେପ

ସମ୍ବଲପୁର, ୨୯।୯ (ସମିସ): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଟିମ୍ ଭିସୁଟ୍ ରେସିଂର ପରିଚୟ କାର୍ଯ୍ୟକ୍ରମରେ ପ୍ରାୟ ୧୨୦୦ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟରେ ପ୍ରାୟୋଗିକ ଶିକ୍ଷା, ଇଞ୍ଜିନିୟରିଂ ଓ ନବସୃଜନପ୍ରତିବଢୁଥିବାଆଗ୍ରହକୁପ୍ରତିଫଳିତକରିଥିଲା।ଏହିଅବସରରେକ୍ୟାପାବଲ୍ଇଣ୍ଡିଆ ସହଯୋଗରେ 'ଇଭି ସକ୍ଷମ' ପାଞ୍ଚଦିନିଆ ପ୍ରାୟୋଗିକ ଇଲେକ୍ଟ୍ରିକ୍ ଯାନ



କର୍ମଶାଳା ଆୟୋଜନର ଘୋଷଣା କରାଯାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏଭଳି କାର୍ଯ୍ୟକ୍ରମ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ହେବ। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଇଲେକ୍ଟ୍ରିକ୍ ଯାନ ପ୍ରଯୁକ୍ତି, ଯାନର ଗତିବିଜ୍ଞାନ, ଯାନ ଢାଞ୍ଚା, ଷ୍ଟିଅରିଂ, ନିଲମ୍ବନ ବ୍ୟବସ୍ଥା, ବ୍ରେକିଂ ଓ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ପ୍ରାୟୋଗିକ ଅଭିଜ୍ଞତା ହାସଲ କରିବେ। ଏହା ସହିତ ସେମାନେ ନିଜେ ୮ଟି ଫର୍ମୁଲା ଶୈଳୀର ବିଦ୍ୟୁତ୍ ଯାନ ଡିଜାଇନ୍ ଓ ନିର୍ମାଣ କରିବାର ସୁଯୋଗ ପାଇବେ। ଏହି ପଦକ୍ଷେପ ଶ୍ରେଣୀଗୃହର ତାତ୍ତ୍ୱିକ ଜ୍ଞାନକୁ ବାସ୍ତବ ଇଞ୍ଜିନିୟରିଂ ଅଭିଜ୍ଞତା ସହିତ ଯୋଡ଼ିବା ସହ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା, ନବସୃଜନ ଓ ପ୍ରାୟୋଗିକ ଶିକ୍ଷାକୁ ପ୍ରୋତ୍ସାହିତ କରିବ। କ୍ୟାପାବଲ୍‌ର ବିଭିନ୍ନ ଶିକ୍ଷାମୂଳକ ପଦକ୍ଷେପ ଶିକ୍ଷା ମନ୍ତ୍ରଣାଳୟ, ଏଆଇସିଟିଇ, ପିଏମ୍-ଉଷା ଏବଂ ପ୍ରତିଷ୍ଠାନ ନବସୃଜନ ପରିଷଦ ସହିତ ସହଯୋଗରେ ମଧ୍ୟ ହୋଇଆସିଛି।